# ଆଇଆଇଟି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପୁଣି ଚିଠି ଲେଖିଲେ

ଭୁବନେଶ୍ୱର (ଇମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତକାଲି ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ନିକଟକୁ ଏକ ପତ୍ର ଲେଖି ଓଡ଼ିଶାରେ ଆଇଆଇଟି ସ୍ଥାପନ ପ୍ରସଙ୍ଗକୁ ପୁନର୍ବାର ଦୋହରାଇଛନ୍ତି। ଗତ ଜାନୁଆରୀ ୨୩ ତାରିଖରେ ମାନବ ସମ୍ବଳ ବିକାଶ ମନ୍ତ୍ରୀ ଅର୍ଜୁନ ସିଂହଙ୍କୁ ମୁଖ୍ୟମନ୍ତ୍ରୀ ଭେଟିଥିବା ବେଳେ ଗତ ଅକ୍ଟୋବର ୧୬ ତାରିଖରେ ଏନେଇ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଏସଂପର୍କରେ ଗତକାଲିର ପତ୍ରରେ ମଧ୍ୟ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଓଡ଼ିଶାରେ ବହୁ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହେବାକୁ ଯାଉଛି। ଶିଳ୍ପର ବିକାଶ ପାଇଁ ମାନବ ସମ୍ବଳର ବିକାଶ ହେବା ଜରୁରି। ଏନଏସ୍ଏସ୍ଓ ରିପୋର୍ଟ ଅନୁଯାୟୀ ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ସାରା ଭାରତରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଅଭିବୃଦ୍ଧି ୧୫ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ଏହି ଅଭିବୃଦ୍ଧି ହାର ୬.୧ ପ୍ରତିଶତ। ତେଣୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶାର ଅଭିବୃଦ୍ଧି ନିହାତି ଆବଶ୍ୟକ। ନିକଟରେ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ବିବୃତି ଦେଇ କହିଛନ୍ତି, ଓଡ଼ିଶାରେ 'ନାଇଜର' ପ୍ରତିଷ୍ଠା କରାଯିବାକୁ ଥିବାରୁ ଆଉ ଆଇଆଇଟି ପ୍ରତିଷ୍ଠା ହେବାର ଆବଶ୍ୟକତା ନାହିଁ। ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ଏହି ମତାମତକୁ ନେଇ ମୁଖ୍ୟମନ୍ତ୍ରୀ କ୍ଷୋଭ ପ୍ରକାଶ କରିଛନ୍ତି। ଓଡ଼ିଶାରେ ଆଇଆଇଟି ନଥିବା ବେଳେ ଏଠାରେ ଏକ ଏନ୍ଆଇଏସ୍ ପ୍ରତିଷ୍ଠା ପାଇଁ ମଂଜୁର ହୋଇଥିଲା। ତେବେ ପଶ୍ଚିମବଂଗରେ ଆଇଆଇଟି ଥିବା ସ୍ଥଳେ ସେଠାକୁ ଏହା ଉଠେଇ ନିଆଗଲା। ଅପରପକ୍ଷେ ଏନ୍ଆଇଏସ୍ ବଦଳରେ 'ନାଇଜର' ପ୍ରତିଷ୍ଠା କରି ଓଡ଼ିଶାରେ ଆଇଆଇଟି ଆବଶ୍ୟକତା ନାହିଁ ବୋଲି ଯୁକ୍ତି ଦର୍ଶାଯିବା ଓଡ଼ିଶା ପ୍ରତି ଏକ ଉପହାସ ବୋଲି ସେ ଏହି ପତ୍ରରେ ଉଲ୍ଲେଖ କରିଛନ୍ତି। ଓଡ଼ିଶାରେ ଉଚ୍ଚମାନର ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।